# ପ୍ରଦୋଷ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର,୧୮/ଏନ୍‌ଏନ୍‌ଏସ୍: ବିଶିଷ୍ଟ ସ୍ତମ୍ଭକାର, ସୁଲେଖକ, ସାମ୍ବାଦିକ ତଥା ଉତ୍କଳ ସମ୍ମିଳନୀର ବରିଷ୍ଠ ସଦସ୍ୟ ପ୍ରଦୋଷ ପଟ୍ଟନାୟକ ୨୦୧୬ ମସିହା ପାଇଁ ଜୀବନୀ ଓ ଭ୍ରମଣ ସାହିତ୍ୟ ବର୍ଗରେ ନିଜ ରଚିତ ପୁସ୍ତକ 'ଚାଲିଛି ଚାଲିବି ନପଡ଼ିବି ଥକି' ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଁ ମନୋନୀତ ହୋଇଥିବାରୁ ଉତ୍କଳ ସମ୍ମିଳନୀ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଉତ୍କଳ ସମ୍ମିଳନୀ ପକ୍ଷରୁ ସମ୍ମିଳନୀର ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ଓ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି ପ୍ରଦୋଷ ପଟ୍ଟନାୟକଙ୍କ ବାସଭବନରେ ଉପସ୍ଥିତ ରହି ଶ୍ରୀ ପଟ୍ଟନାୟକଙ୍କୁ ସମ୍ମିଳନୀର ପ୍ରତିକ ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିବା ସହିତ ଅଭିନନ୍ଦନ ଜଣାଇ ଥିଲେ।

Sun, Aug 2, 2020
http://odishanewsnitidin.com